# ଗୃହସ୍ଥ ଆଶ୍ରମ

**୧. ଗୃହସ୍ଥ ଆଶ୍ରମର ମହତ୍ତ୍ୱ ଏବଂ ଉଦ୍ଦେଶ୍ୟ :-**

– ଆଧ୍ୟାତ୍ମିକ ସଂସ୍କୃତିରେ 'ଆଶ୍ରମ' ଏକ ସ୍ଥାନ ଅଟେ ଯାହାର କେନ୍ଦ୍ରବିନ୍ଦୁ ଶ୍ରୀକୃଷ୍ଣ ଅଟନ୍ତି ।

– ଆଧ୍ୟାତ୍ମିକ ସଂସ୍କୃତିର ସମସ୍ତ ବିଧିବିଧାନ ଚାରି ଆଶ୍ରମ ପାଇଁ ସମାନ ଅଟେ ।

– ଚାରି ଆଶ୍ରମର ପାର୍ଥକ୍ୟ ହେଉଛି କେବଳ ବୈରାଗ୍ୟର ତୀବ୍ରତା ତଥା ଜୀବିକା ଉପାର୍ଜନ ନିମିତ୍ତ ଅଟେ । କିନ୍ତୁ ଚାରି ଆଶ୍ରମ ମହତ୍ତ୍ୱପୂର୍ଣ୍ଣ ଅଟେ ।

– ଗୃହସ୍ଥ ଆଶ୍ରମରେ ଇନ୍ଦ୍ରିୟ ଭୋଗ ନିମିତ୍ତ ଏକ ସୁଯୋଗ ଦିଆଯାଇଛି, ଯଦ୍ଦ୍ୱାରା ବ୍ୟକ୍ତି ଧିରେ ଧିରେ ସଂସାରରୁ ବିରକ୍ତ ହେବ ।

– ମନୁସଂହିତାରେ ଗୃହସ୍ଥ ଆଶ୍ରମକୁ ଉତ୍କୃଷ୍ଟ ବୋଲି କୁହାଯାଇଛି । କାରଣ ଏହି ଆଶ୍ରମ ତିନି ଆଶ୍ରମକୁ ପାଳନ ପୋଷଣ କରେ ।

– ବ୍ୟବହାରିକ ଦୃଷ୍ଟିରେ ଶାସ୍ତ୍ରରେ ବର୍ଣ୍ଣିତ ଗୃହସ୍ଥ ଆଶ୍ରମର କର୍ତ୍ତବ୍ୟ ତଥା ଉତ୍ତର ଦାୟିତ୍ୱକୁ ପାଳନ କରିବା କଠିନ ବିଷୟ ଅଟେ । ତଥାପି ଏହି ଶାସ୍ତ୍ରୀୟ ବିଧାନକୁ ନିଜ ଜୀବନରେ ଅଙ୍ଗୀକାର କରି ପାଳନ କରିବା ପାଇଁ ପ୍ରଯତ୍ନ କରିବା ଉଚିତ୍ ।

**୨) ଗୃହସ୍ଥ ଜୀବନର କର୍ତ୍ତବ୍ୟ ଏବଂ ଉତ୍ତର ଦାୟିତ୍ୱ ।**

– ଚାରି ଆଶ୍ରମର ସଦସ୍ୟଙ୍କର ଯତ୍ନ ନେବା । ସମସ୍ତ ଜୀବକୁ ଆଶ୍ରୟ ପ୍ରଦାନ କରିବା ଏବଂ ଯଜ୍ଞ କରିବା ।
*(ଭା. ୧୧.୧୮.୪୨)*

– ବରିଷ୍ଠ ବ୍ୟକ୍ତିଙ୍କର ସେବା କରିବା । *(ଶ୍ରୀ.ଚୈ.ଚ.ଆ. ୧୫.୨୧)*

– ସମସ୍ତଙ୍କ ହିତ ନିମିତ୍ତ କାର୍ଯ୍ୟ କରିବା । *(ଶ୍ରୀ.ଚୈ.ଚ.ଆ. ୧୦.୪୧)*

– ଅତିଥି ସେବା ଭଗବାନଙ୍କର ଆଦେଶ ।

– ଦୀନ, ହୀନ, ଗରିବଙ୍କୁ ଦୟା କରିବା । *(ଶ୍ରୀ.ଚୈ.ଚ.ଅ.୩.୨୩୮)*

– ଭକ୍ତଙ୍କର ସେବା କରିବା ଗୃହସ୍ଥଙ୍କର ମୁଖ୍ୟ କର୍ତ୍ତବ୍ୟ ଅଟେ ।
*(ଶ୍ରୀ.ଚୈ.ଚ.ଆ. ୧୬.୫୭.୬୦)*

– ଭଗବାନଙ୍କର ପବିତ୍ର ନାମକୁ ସତତ ଜପ କରିବା, ବୈଷ୍ଣବ ଏବଂ ନିଜର ସଙ୍ଗ ସମ୍ବନ୍ଧୀଙ୍କୁ ଯୋଗ୍ୟ ବିଧିରେ ଅର୍ଜିତ ଧନ ଦ୍ୱାରା ସେବା କରିବା ।
*(ଶ୍ରୀ.ଚୈ.ଚ.ମ. ୧୫.୧୦୫)*

– ଗୃହସ୍ଥ ଆଶ୍ରମର କର୍ତ୍ତବ୍ୟକୁ ପାଳନ କରିବା ପାଇଁ ଲୋକଙ୍କୁ ଅଧିକ ଶ୍ରମ କରିବା ଆବଶ୍ୟକ ।

– ଗୃହସ୍ଥର ପିତୃ-ପୁରୁଷ, ସାଧୁ-ସନ୍ଥ, ଋଷି-ମହର୍ଷି, ଦେବତା, ସାଧାରଣ ଜୀବ, ଶାସକ, ଜନ ସମାଜଙ୍କ ଠାରେ ଋଣ ଅଛି । କିନ୍ତୁ ଭଗବାନ ଶ୍ରୀକୃଷ୍ଣଙ୍କର ଶରଣରେ ଆସିବା ସଙ୍ଗେ ସଙ୍ଗେ ସମସ୍ତ ଋଣର ପରିଶୋଧ ହୋଇଯାଏ । *(ଭା: ୧୧.୫.୪୧)*

**ଜୀବନ ପଦ୍ଧତି ତଥା ଜୀବନ ନିର୍ବାହ-**

- ଗୃହସ୍ଥ ନିଜର ଆୟର ୨୫ ପ୍ରତିଶତ ଜୀବନ ନିର୍ବାହ, ୨୫ ପ୍ରତିଶତ ସଞ୍ଚୟ ଏବଂ ୫୦ ପ୍ରତିଶତ ଭଗବତ୍ ସେବାରେ ଲଗାଇବା ଉଚିତ୍ ।

- ଗୃହସ୍ଥ ନିଜର ଗୁଣକର୍ମ ଅନୁସାରେ ସତ୍ କାର୍ଯ୍ୟ କରି ନିଜର ଜୀବନ ନିର୍ବାହ କରିବେ, ଅସତ୍ ତଥା ଅବୈଧ କର୍ମ କରିବେ ନାହିଁ ।

- ନିଜର ଜୀବନ ପଦ୍ଧତି ଏପ୍ରକାର ଗଠନ କରିବେ ଯେପରି ଜୀବନରେ ଭଗବାନଙ୍କ ବିଷୟରେ ଶ୍ରବଣ କୀର୍ତ୍ତନ କରିବା ନିମିତ୍ତ ଉପଯୁକ୍ତ ଅବସର ମିଳିପାରିବ ।

**ଅତିଥିମାନଙ୍କର ଆଦର ସତ୍କାର-**

- ଅତିଥି ସତ୍କାରର ଅର୍ଥ ହେଉଛି ମଧୁର ଶବ୍ଦରେ ସ୍ୱାଗତ କରିବା । ବସିବା ପାଇଁ ଆସନ ତଥା ଜଳ କିମ୍ବା ଭୋଜନ ପ୍ରଦାନ କରିବା ।

- ଶାସ୍ତ୍ର ଅନୁସାରେ ଯେତେବେଳେ ଅତିଥି ଅସନ୍ତୁଷ୍ଟ ହୋଇ ଚାଲିଯାଇଥାନ୍ତି, ସେ ତାଙ୍କର ନିଜ ସହିତ ସେହି ଗୃହସ୍ଥର ପୁଣ୍ୟ ମଧ୍ୟ ନେଇଯାଇଥାନ୍ତି ଏବଂ ନିଜର ପାପକୁ ତାର ଗୃହରେ ଛାଡ଼ି ଦେଇଥାନ୍ତି ।

- ପ୍ରତ୍ୟେକ ଗୃହସ୍ଥ ଭୋଜନ ପୂର୍ବରୁ ସାଧୁ, ଭିକ୍ଷୁକ ଅତିଥିଙ୍କୁ ଭୋଜନ ଦେବା ନିମିତ୍ତ ପ୍ରୟାସ କରିବା ଉଚିତ୍ ।

- ଅତିଥିଙ୍କର ସେବା ଅତ୍ୟନ୍ତ ପ୍ରେମ ପୂର୍ବକ ତଥା ଆଦର ସହିତ କରିବା ଉଚିତ୍ । କୃତ୍ରିମ ରୂପେ କେବଳ ଏକ କର୍ମ ବୋଲି ଭାବି ତାଙ୍କର ସେବା କରିବା ଉଚିତ୍ ନୁହେଁ ।

**ପୁତ୍ର ପ୍ରାପ୍ତି**

- ଚାଣକ୍ୟ ପଣ୍ଡିତ କହିଛନ୍ତି "ପୁତ୍ରହୀନ ଗୃହଶୂନ୍ୟ" ଅର୍ଥାତ୍ ପୁତ୍ର ବିନା ଗୃହ ଶୂନ୍ୟ ଅଟେ ।

- ଧାର୍ମିକ ବିବାହର ଉଦ୍ଦେଶ୍ୟ ହେଉଛି ଏପରି ପୁତ୍ର ପ୍ରାପ୍ତ ହେବା ଯେ ମାତା ପିତାଙ୍କୁ ଶ୍ରାଦ୍ଧ ଦେଇ ନରକ ବାସରୁ ମୁକ୍ତି ପ୍ରଦାନ କରିବ ।

- ଶ୍ରୀଲ ପ୍ରଭୁପାଦ କହିଛନ୍ତି " ଏଥିପାଇଁ ପିତାଙ୍କୁ ବୈଷ୍ଣବ ହେବା ଉଚିତ୍ । ତଥା ନିଜର ପୁତ୍ରକୁ ଏପ୍ରକାର ପାଳନ ପୋଷଣ କରିବା ଉଚିତ୍ ଯଦ୍ୱାରା ପୁତ୍ର ମଧ୍ୟ ବୈଷ୍ଣବ ହୋଇପାରିବ । ଯଦି କୌଣସି କାରଣରୁ ପିତାଙ୍କୁ ନରକଗାମୀ ହେବାକୁ ପଡ଼ିଥାଏ, ତେବେ ପୁତ୍ର ତାଙ୍କୁ ମୁକ୍ତି ପ୍ରଦାନ କରିବେ ।

- ବାସ୍ତବରେ ଯଦି ପାଳକ ବୈଷ୍ଣବ ହୋଇଥାନ୍ତି, ତାଙ୍କର ଉଦ୍ଧାର ନିମିତ୍ତ ପୁତ୍ରର ଆବଶ୍ୟକତା ନାହିଁ । ସେ କେବଳ ବୈଷ୍ଣବ ତଥା ଭଗବାନ ଶ୍ରୀକୃଷ୍ଣଙ୍କ କୃପା ଉପରେ ଆଶ୍ରିତ ହୋଇଥାନ୍ତି ଏବଂ ଅନ୍ତିମରେ ଭଗବତ୍ ଧାମ ପ୍ରାପ୍ତ ହୋଇଥାନ୍ତି ।

- ମାତା ପିତା ଶିଶୁର ଏ ପ୍ରକାର ଯତ୍ନ ନେବେ, ଯଦ୍ୱାରା ଶିଶୁ ସେମାନଙ୍କ ଠାରୁ ପ୍ରେମ, ଆଶ୍ରୟ, ଅଧିକାରର ଆଭାସ ପ୍ରାପ୍ତ ହେବ ।

- ପିତା ମାତା ନିଜ ନିଜ ମଧ୍ୟରେ ଦୋଷ ବାହାର କରିବା, ଜଣେ ଅନ୍ୟ ଜଣଙ୍କ ସହ କଳି ଝଗଡ଼ା କରିବା ଆଦୌ ଉଚିତ୍ ନୁହେଁ ।

- ମାତା ପିତା ନିଜର ଗୃହରେ କୃଷ୍ଣ ଭାବନାମୟ ବାତାବରଣ ସୃଷ୍ଟି କରି ପ୍ରତିଦିନ କୃଷ୍ଣ ଭକ୍ତିମୟ କ୍ରିୟା ଦ୍ୱାରା ଶିଶୁକୁ ଉନ୍ନତ ଭକ୍ତ ଭାବରେ ଗଢି ତୋଳିବା ଉଚିତ୍ ।

**ସ୍ତ୍ରୀମାନଙ୍କର ସ୍ଥାନ:**

**(କ) ସ୍ତ୍ରୀମାନଙ୍କୁ ସର୍ବଦା ଆଦର ଓ ସମ୍ମାନ କରିବା ଉଚିତ୍ ।**

- ସର୍ବଦା ତାଙ୍କର ଆଦର କରିବା ଉଚିତ୍ । (ମହାଭାରତର ଅନୁଶାସନପର୍ବ ୪୯ ଅଧ୍ୟାୟରେ ଭୀଷ୍ମଦେବଙ୍କ ଦ୍ୱାରା ପ୍ରଦତ୍ତ ଶିକ୍ଷା ତଥା ମନୁ ସଂହିତା ପ୍ରକରଣ ୩ରୁ)

- ସ୍ତ୍ରୀମାନଙ୍କୁ ସର୍ବଦା ପ୍ରେମ ଆଦର ତଥା ସମ୍ମାନପୂର୍ଣ୍ଣ ବ୍ୟବହାର କରିବା ଆବଶ୍ୟକ । ଯେତେବେଳେ ସ୍ତ୍ରୀଙ୍କୁ ଆଦର କରାଯାଏ ସେତେବେଳେ ଦେବୀ ଦେବତା ପ୍ରସନ୍ନ ରହିଥାନ୍ତି । କିନ୍ତୁ ଯେଉଁଠାରେ ତାଙ୍କର ଆଦର କରାଯାଏନା ସେଠାରେ ସବୁ କାର୍ଯ୍ୟ ନିଷ୍ଫଳ ହୁଏ । ଯଦି କୌଣସି ଗୃହରେ ସ୍ତ୍ରୀ ଦୁଃଖୀ ହୋଇଥାଏ, ତେବେ ସେ ଗୃହ ଶୀଘ୍ର ନଷ୍ଟ ହୋଇଯାଏ । ସ୍ତ୍ରୀ ସୌଭାଗ୍ୟର ମୂର୍ତ୍ତିମନ୍ତ ରୂପ ଅଟେ । ସେମାନଙ୍କର ଆଦର ସମ୍ମାନ କଲେ ଭାଗ୍ୟଦେବୀ ମଧ୍ୟ ପ୍ରସନ୍ନ ହୋଇଥାନ୍ତି । ଏହି ପ୍ରକାର ପରିବାର ସୁଖୀ ଓ ସୁସମୃଦ୍ଧ ଅଟନ୍ତି । ସ୍ତ୍ରୀଙ୍କୁ ଅପମାନ କରାଇଲେ ଭାଗ୍ୟଦେବୀଙ୍କୁ ଅପମାନ ହୋଇଥାଏ । ଯେଉଁ ଗୃହରେ ସ୍ତ୍ରୀଙ୍କୁ ଉଚିତ୍ ଆଦର କରାଯାଏ ନାହିଁ ସେ ଗୃହ ସେମାନଙ୍କ ଶାପରେ ଏକପ୍ରକାର ନଷ୍ଟ ହୋଇଯାଏ, ଯେପରି ଯାଦୁ ବିଦ୍ୟା ପ୍ରଦର୍ଶନ କରି ଯାଦୁକର ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେଇଥାଏ । ପୁରୁଷର ପବିତ୍ରତା ସ୍ତ୍ରୀ ଉପରେ ନିର୍ଭର କରିଥାଏ । ଅତଏବ ହେ ପୁରୁଷ, ସ୍ତ୍ରୀମାନଙ୍କୁ ଆଦର ପୂର୍ବକ କୃଷ୍ଣ ଭାବନାରେ ପ୍ରୋତ୍ସାହିତ କର ।

**(ଖ) ତାଙ୍କର ସମାଜ ପ୍ରତି ମହତ୍ତ୍ୱ :-**

- ଶିଶୁ, ପରିବାର, ତଥା ସଂପୂର୍ଣ୍ଣ ସମାଜରେ ଉତ୍ତମ ସଂସ୍କାର ସ୍ଥାପନ କରିବା ନିମିତ୍ତ ସ୍ତ୍ରୀ ଏକ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ ଅଟେ । ବାସ୍ତବରେ ଉତ୍ତମ ସଂସ୍କାର ଯୁକ୍ତ ସମାଜ ସଂପୂର୍ଣ୍ଣ ସ୍ତ୍ରୀ ଉପରେ ନିର୍ଭରଶୀଳ ଅଟେ । ପ୍ରତ୍ୟେକ ସଫଳ ପୁରୁଷ ପଛରେ ଏକ ସ୍ତ୍ରୀର ହାତ ଥାଏ ।

- ଗୃହସ୍ଥ ଜୀବନରେ ସ୍ତ୍ରୀ ହିଁ ଯଶ ପ୍ରଦାନ କରିଥାଏ । ଯଦି ଗୃହରେ ଉତ୍ତମ ମାତା ଓ ଉତ୍ତମ ପତ୍ନୀ ରହିଥାନ୍ତି ତାହେଲେ ସେ ଗୃହସ୍ଥ ଜୀବନରେ ଯଶସ୍ୱୀ ହୁଏ ।

**(ଗ) ତାଙ୍କୁ ସର୍ବଦା ସୁରକ୍ଷା ଦେବା ଉଚିତ୍ ।**

- ସ୍ତ୍ରୀମାନେ କୋମଳ ମତି ଓ ଅଳ୍ପ ବୁଦ୍ଧି ସମ୍ପନ୍ନ ଅଟନ୍ତି ସେଥିପାଇଁ ସେମାନଙ୍କୁ ବରାବର ଶୋଷଣ କରାଯାଇଥାଏ । ଅତଏବ ସର୍ବଦା ସେମାନଙ୍କୁ ସୁରକ୍ଷା ଆବଶ୍ୟକ ।

- ମନୁଷ୍ୟର ଜନକ ମନୁ କହିଛନ୍ତି ଯେ ଶୁଦ୍ଧ ଏବଂ ପବିତ୍ର ରହିବା ପାଇଁ ସ୍ତ୍ରୀଙ୍କର ସଂସ୍କାର ଆବଶ୍ୟକ । ତାହା ପରେ ଉତ୍ତମ ପ୍ରଜା ସୃଷ୍ଟି ହେବେ ଏବଂ ସମାଜରେ ଶାନ୍ତି ତଥା ସମୃଦ୍ଧି ସମ୍ଭବ ହେବ । ସ୍ତ୍ରୀ ବାଲ୍ୟାବସ୍ଥାରେ ପିତାଙ୍କ ଦ୍ୱାରା, ଯୁବାବସ୍ଥାରେ ପତିଙ୍କ ଦ୍ୱାରା, ବୃଦ୍ଧାବସ୍ଥାରେ ପୁତ୍ରଙ୍କ ଦ୍ୱାରା ସୁରକ୍ଷିତ ହେବା ଉଚିତ୍ । ଏହା ଅତ୍ୟନ୍ତ ଆବଶ୍ୟକ ଅଟେ ।

**(ଘ) ସ୍ତ୍ରୀ ମୁକ୍ତି**

- ତଥା କଥିତ 'ସ୍ତ୍ରୀ ମୁକ୍ତି ଅଭିଯାନ' କାରଣରୁ ସ୍ତ୍ରୀଙ୍କର ଅଧିକ ଶୋଷଣ ହେବାର ସମ୍ଭାବନା ଅଛି ।

- ଯଦି ସ୍ତ୍ରୀମାନେ ଅଧର୍ମାଚରଣ କରନ୍ତି, ସେମାନଙ୍କର ସତୀତ୍ୱ ନଷ୍ଟ ହୋଇଯାଏ । ସେତେବେଳେ ଅନାବଶ୍ୟକ (ଯାରଜ) ସନ୍ତାନ ଉତ୍ପତ୍ତି ହୋଇଥାନ୍ତି ଯଦ୍ୱାରା ବଂଶରେ ନରକମୟ ପରିସ୍ଥିତି ସୃଷ୍ଟି ହୋଇଥାଏ । *(ଭ.ଗୀ. ୧/୪୦-୪୧)*

**(ଙ) ସ୍ତ୍ରୀଙ୍କର ଗୁଣ**

- 'ଲଜ୍ଜା' ସ୍ତ୍ରୀ ମାନଙ୍କର ଅତି ମାନବୀୟ ଗୁଣ ଅଟେ । ଏଥିପାଇଁ ସ୍ତ୍ରୀଙ୍କୁ ସମାଜ ଆଦର କରେ । ଏଥିପାଇଁ ସଂସ୍କୃତିବିହୀନ ଅତ୍ୟାଧୁନିକ ନଗ୍ନ ବେଶଭୂଷା ଓ ସ୍ତ୍ରୀ ପୁରୁଷ ଅବାଧ ମିଳାମିଶାକୁ ପ୍ରତିରୋଧ କରିବା ଉଚିତ୍ ଏବଂ ସମାଜରେ ଏହି ପ୍ରକାର ଶୁଦ୍ଧତା ରଖିବା ନିମିତ୍ତ ପ୍ରଯତ୍ନ ରହିବା ଆବଶ୍ୟକ । *(ଭା. ୧/୧୦/୧୬, ୧/୯/୨୭)*

## ପତିର କର୍ତ୍ତବ୍ୟ ଏବଂ ଦାୟିତ୍ୱ

**(କ) ଆଧ୍ୟାତ୍ମିକ ରୂପରେ ପ୍ରଗତି କରିବା-**

- ଯଦି ବ୍ୟକ୍ତି ନିଜର ପତ୍ନୀ ଆଉ ସନ୍ତାନକୁ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତ କରି ନ ପାରନ୍ତି, ତେବେ ଏପରି ବ୍ୟକ୍ତି ପିତା ବା ପତି ହେବା ଉପଯୁକ୍ତ ନୁହେଁ ।

*(ଭା:୫/୫/୧୮)*

- ପତିଙ୍କୁ ଶିବଜୀ ତଥା ଭଗବାନ ରାମଚନ୍ଦ୍ରଙ୍କ ପଦାଙ୍କ ଅନୁସରଣ କରିବା ଆବଶ୍ୟକ । ନିଜର ପତ୍ନୀ ବ୍ୟତୀତ ଅନ୍ୟ ସମସ୍ତ ସ୍ତ୍ରୀମାନଙ୍କୁ 'ମା' ପରି ସମ୍ମାନ ଦେଖାଇବା ଉଚିତ୍ । (ଚାଣକ୍ୟ ପଣ୍ଡିତ)

**(ଖ) ପତ୍ନୀଙ୍କୁ ସୁରକ୍ଷା ପ୍ରଦାନ କରିବା ।**

- ସୁରକ୍ଷା ଦେବା ଅର୍ଥ ହେଉଛି ଆବଶ୍ୟକ ସୁବିଧା ପ୍ରଦାନ କରିବା ।
(ଶ୍ରୀଲ ପ୍ରଭୁପାଦଙ୍କ ପ୍ରବଚନ) ।

- ଯେଉଁଭଳି ଭାବରେ କେହି ନିଜର ଧନକୁ ଉଚିତ୍ ସ୍ଥାନରେ ସୁରକ୍ଷିତ ରଖିଥାଏ, ଠିକ୍ ସେହିପ୍ରକାର ବ୍ୟକ୍ତିଗତ ରୁଚି ନେଇ ନିଜର ପତ୍ନୀଙ୍କୁ ସୁରକ୍ଷା ପ୍ରଦାନ କରିବା ଉଚିତ୍ । *(ଭା. ୪/୨୯/୧୭)*

- ସମସ୍ତ ଆବଶ୍ୟକ ସୁବିଧା ଯେପରି ଅନ୍ନ, ବସ୍ତ୍ର, ଆବାସ, ଆଭୂଷଣ ଇତ୍ୟାଦି ଦେଇ ପତ୍ନୀଙ୍କୁ ସନ୍ତୁଷ୍ଟ ରଖିବା ଆବଶ୍ୟକ । ସେହିପରି ସଂପୂର୍ଣ୍ଣ ସୁରକ୍ଷା ନିମିତ୍ତ ସମସ୍ତ ଆବଶ୍ୟକୀୟ ସୁବିଧାକୁ ମେଣ୍ଟାଇବା ନିମିତ୍ତ ବହୁ ପରିଶ୍ରମ କରିବାକୁ ପଡ଼ିଥାଏ । ତଥାପି ତାହା କରିବା ଉଚିତ୍ । ଏହା ଏକ ବିଶ୍ୱାସନୀୟ ପତିର କର୍ତ୍ତବ୍ୟ ଅଟେ । ଭଗବାନ ଶ୍ରୀରାମଚନ୍ଦ୍ର ଏହାର ଉଦାହରଣ ପ୍ରଦର୍ଶନ କରିଛନ୍ତି । *(ଭା. ୫/୧୯/୫)*

- କର୍ତ୍ତବ୍ୟ ଦକ୍ଷ ତଥା ସମର୍ପିତ ହେବା ଆବଶ୍ୟକ । *(ଭା.୫/୧୯/୫)*

- ପତ୍ନୀଙ୍କୁ ଆଧ୍ୟାତ୍ମିକ ଶିକ୍ଷା ଦେଇ ପ୍ରବୀଣ କରିବା ଉଚିତ୍ । ତାଙ୍କ ନିମିତ୍ତ ନିଜର ଉତ୍କୃଷ୍ଟ ଭକ୍ତି ପ୍ରଦର୍ଶନ କରିବା ପାଇଁ ସତ୍ତ୍ୱଗୁଣ ସ୍ତରକୁ ଆସିବା ଉଚିତ୍ ।

**(ଗ) ପତ୍ନୀଙ୍କ ପ୍ରତି ଉଚିତ୍**

- ପତ୍ନୀ ଇନ୍ଦ୍ରିୟ ତୃପ୍ତିର ସାଧନ ନୁହେଁ ।

- ଏହା ମୋର ସଂପତ୍ତି ନ କହି ଭଗବାନଙ୍କ ସଂପତ୍ତି କହିବା ଉଚିତ୍ ।

- ନିଜର ପତ୍ନୀଙ୍କୁ ସମ୍ଭାଳିବା ଏବଂ ତାଙ୍କୁ ସୁରକ୍ଷା ପ୍ରଦାନ ପତିର ଦାୟିତ୍ୱ ହେବା ଉଚିତ୍ । ବାସ୍ତବରେ ଭଗବାନ ଶ୍ରୀକୃଷ୍ଣ ହିଁ ସୁରକ୍ଷାଦାତା । ଅତଏବ ପତିଙ୍କୁ ନମ୍ର ହେବା ଆବଶ୍ୟକ ।

## ପତ୍ନୀର କର୍ତ୍ତବ୍ୟ :-

### (କ) ପତ୍ନୀର ସ୍ଥାନ-

- ଅର୍ଦ୍ଧାଙ୍ଗୀନୀ - "ବୈଦିକ ଶାସ୍ତ୍ରାନୁସାରେ ପତ୍ନୀ ପତିର ଅର୍ଦ୍ଧାଙ୍ଗୀନୀ ଅଟେ" ।
କାରଣ ନିଜର ପତିର କର୍ତ୍ତବ୍ୟର ଅଧାଭାଗ ସେ ସମ୍ଭାଳି ଥାଏ । *(ଭା.୩/୪/୧୯)*

- ଏହି ପ୍ରକାର ଧାର୍ମିକ କ୍ରିୟା କଳାପରେ ଦୁଇଜଣ ଏକ ହିଁ ଅଟନ୍ତି ।
- ନିଜର ପତିଙ୍କୁ ଯୋଗ୍ୟ ମାର୍ଗ ପ୍ରଦର୍ଶନ କରାଇବା ଦ୍ୱାରା ପତ୍ନୀ ମଧ୍ୟ ସୁଖି ରହିଥାଏ । (ଶ୍ରୀଲ ପ୍ରଭୁପାଦ ପ୍ରବଚନ)

### (ଖ) ପତ୍ନୀ ମଧ୍ୟ ପତିଙ୍କୁ ରକ୍ଷା କରେ-

- "ସମସ୍ତ ଆଶ୍ରମ ମଧ୍ୟରେ ଗୃହସ୍ଥ ଆଶ୍ରମ ସୁରକ୍ଷିତ ଅଟେ । "ପତ୍ନୀ ନିଜର ପତିଙ୍କୁ ନର୍କଗାମୀ ସ୍ତରରୁ ଉଦ୍ଧାର କରିଥାଏ । (ଅଧିକ ଜାଣିବା ପାଇଁ ଶ୍ରୀମଦ୍ ଭାଗବତ ଦେଖନ୍ତୁ ଭା.୩/୧୪/୨୦)
- ଆପାତକାଳୀନ ପରିସ୍ଥିତିରେ ସେ ପତିଙ୍କୁ ଉତ୍ତମ ଉପଦେଶ ମଧ୍ୟ ପ୍ରଦାନ କରିଥାଏ ।

*(ଭା.୪/୨୬/୧୬)*

### (ଗ) ପତିଙ୍କର ନିଷ୍ଠାପୂର୍ବକ ସେବା -

- ଶ୍ରୀଲ ପ୍ରଭୁପାଦ କହିଛନ୍ତି- " ନିଜର ପତିଙ୍କ ପ୍ରତି ନିଷ୍ଠାବାନ ରହିବା ପତ୍ନୀଙ୍କର ପ୍ରଥମ କର୍ତ୍ତବ୍ୟ ଅଟେ । ପତ୍ନୀଙ୍କୁ ତା'ର ପତି ପ୍ରତି ବିଶ୍ୱସ୍ଥ ହେବା ଆବଶ୍ୟକ । ଶାନ୍ତ ସ୍ୱଭାବ ତଥା ସେବକ ଭାବନା ତାଙ୍କ ମନରେ ଶୋଭା ପାଇବା ଉଚିତ୍ ।(ଭା.୪/୧୮/୧୨
- ପତ୍ନୀ ପତିଙ୍କ ଠାରେ ସମର୍ପିତ ହେବା ଉଚିତ୍ ଏବଂ ତାହା ସହିତ ମଧୁର ସ୍ୱରରେ ଆଳାପ କରିବା ଉଚିତ୍ । *(ଭା.୪/୨୯/୧୫)*
- ଚାଣକ୍ୟ ପଣ୍ଡିତ କହିଛନ୍ତି "ଯାହାଙ୍କର ମାତା ତଥା ସନ୍ତୋଷ ପ୍ରଦାନ କରୁଥିବା ପତ୍ନୀ ନ ଥିବେ ତେବେ ସେ ଗୃହ ତ୍ୟାଗ କରି ବନକୁ ଚାଲିଯିବା ଉଚିତ୍" ।

(ଉଚିତ୍ ଏବଂ ପରିପକ୍ୱ ଭାବନାରେ ଏହି କଥାକୁ ସ୍ୱୀକାର କରିବା ଉଚିତ୍)

- ପତ୍ନୀଙ୍କୁ ଉତ୍ସାହୀ, ଗୃହ କାର୍ଯ୍ୟରେ ଦକ୍ଷ, ଘରୋଇ ବସ୍ତୁରେ ସ୍ୱଚ୍ଛତା, ଏବଂ ସବୁ ବସ୍ତୁକୁ ଠିକ୍ ସ୍ଥାନରେ ରଖିବା ଏବଂ ନ୍ୟାୟୋଚିତ ବ୍ୟୟ କରିବା ଉଚିତ୍ ।
- ନିଜର ଇନ୍ଦ୍ରିୟ ଗୁଡ଼ିକୁ ନିୟନ୍ତ୍ରିତ କରି କୃଷ୍ଣଙ୍କ ସେବାରେ ନିୟୋଜିତ କରିବା ଉଚିତ୍ ।
- ପତ୍ନୀଙ୍କ ପତିର ରୁଚି ଏବଂ ମନୋଭାବ ଅନୁସାରେ ବ୍ୟବହାର କରିବା ଉଚିତ୍ । ପତିଙ୍କର ପରିସ୍ଥିତି ଅନୁଧ୍ୟାନ କରି ତଦ୍ରୂପ ଭାବରେ ସହଭାଗୀ ହେବା ଉଚିତ୍ (ଶ୍ରୀମଦ୍ ଭାଗବତ ରେ ମାତା ଦେବହୂତିଙ୍କ ଆଦର୍ଶ) ।
- ନିଜର ପତି ବଡ଼ ଭକ୍ତ ନ ହେଲେ ମଧ୍ୟ ପତ୍ନୀକୁ ପତିର ମାନସିକ ସ୍ତରକୁ ବୁଝି ତଦନୁଯାୟୀ ବ୍ୟବହାର କରିବା ଉଚିତ୍ । ପତିଙ୍କୁ ଅତ୍ୟନ୍ତ ନିଜର ବୋଲି ଗ୍ରହଣ କରି ତାଙ୍କୁ ଯଥାଯଥ ମାନ ସମ୍ମାନ ପ୍ରଦାନ କରିବା ଉଚିତ୍ । - ଦେବହୂତିଙ୍କ ଦ୍ୱାରା କର୍ଦ୍ଦମ ମୁନିଙ୍କର ସେବା ସମସ୍ତଙ୍କ ନିମିତ୍ତ ଆଦର୍ଶ ଅଟେ । (୩ୟ ସ୍କନ୍ଧ)
- ନିଜର ପତି ସମକ୍ଷରେ ସର୍ବଦା ସ୍ୱଚ୍ଛ ତଥା ସୁଖୀ ଏବଂ ଆନନ୍ଦ ପୂର୍ବକ ରହିବା ଉଚିତ୍ । *(ଭା. ୧/୧୯/୩୧)*

**(ଘ) ପତିଙ୍କର ଆଧ୍ୟାତ୍ମିକ ପ୍ରଗତିରେ ପତ୍ନୀଙ୍କର ପ୍ରେରଣା ଥାଏ -**

- ପତ୍ନୀ ପତିର ବିଶ୍ୱସନୀୟ ସେବିକା ହେବା ଆବଶ୍ୟକ । ପତି ଯଦି ଆଧ୍ୟାତ୍ମିକ ରୂପରେ ପ୍ରଗତି କରିବେ, ତେବେ ପତ୍ନୀ ମଧ୍ୟ ଆଧ୍ୟାତ୍ମିକ ଜଗତକୁ ଯାତ୍ର କରିବେ । (ଭା.୧/୬/୫୫) ଅନ୍ୟ ଉଦାହରଣ-ଶୌଭରୀ ମୁନୀଙ୍କର ପତ୍ନୀ ତଥା ପୃଥୁ ମହାରାଜଙ୍କର ପତ୍ନୀ ଇତ୍ୟାଦି ।
- ପତ୍ନୀ ଅର୍ଦ୍ଧାଙ୍ଗିନୀ ହେତୁ ପତି ଉପରେ ନିର୍ଭର ହୋଇଥାଏ । ଯଦି ପତି ବୈଷ୍ଣବ ହୋଇଥିବେ, ତେବେ ପତ୍ନୀକୁ ମଧ୍ୟ ପତିର ଭକ୍ତିମୟ ସେବାର ଅଧାଭାଗ ପ୍ରାପ୍ତ ହେବ । କାରଣ ସେ ପତିର ସେବା କରୁଥାଏ । (ଭା.୩/୨୩/୧)
- ପତିର ପୁଣ୍ୟ କର୍ମର ଅର୍ଦ୍ଧେକ ଭାଗ ପତ୍ନୀକୁ ମିଳିଥାଏ ।
- କିନ୍ତୁ ପତି ପତ୍ନୀର ଅର୍ଦ୍ଧେକ ପାପର ଭାଗୀ ହୋଇଥାଏ । ଅତଏବ ପତି ନିଜର ପତ୍ନୀଙ୍କୁ ଆଧ୍ୟାତ୍ମିକ ବିଷୟରେ ଶିକ୍ଷା ଦେବା ଉଚିତ୍ ।
- ଯଦି ପତ୍ନୀ ଆଜ୍ଞାକାରୀ ନୁହଁନ୍ତି ତେବେ ସେ ତାଙ୍କ ପାପକୁ ସ୍ୱୟଂ ଭୋଗ କରିଥାନ୍ତି ।

**ପବିତ୍ରତା ସ୍ତ୍ରୀଙ୍କର ପ୍ରମୁଖ ଆଦର୍ଶ ଉଦାହରଣ -**

- 'ପତିବ୍ରତା' ସ୍ତ୍ରୀର ଏକ ବହୁତ ବଡ଼ ଅସ୍ତ୍ର ଅଟେ ।
- ତିନିପ୍ରକାର ପତିବ୍ରତା ସ୍ତ୍ରୀ ଅଛନ୍ତି । ପତିବ୍ରତା, ସାଧ୍ୱୀ ତଥା ସତୀ ।
- ଅରୁନ୍ଧତୀ- ବଶିଷ୍ଠଙ୍କ ପତ୍ନୀ (ରାମାୟଣ)
- ରେଣୁକା - ଜମଦଗ୍ନୀଙ୍କ ପତ୍ନୀ (ପୁରାଣ)
- ସାବିତ୍ରୀ ସତ୍ୟବାନଙ୍କର ପତ୍ନୀ (ପୁରାଣ)
- ଭବାନୀ - ଭଗବାନ ଶିବଙ୍କର ପତ୍ନୀ । (ଶ୍ରୀମଦ୍ ଭାଗବତମ୍)
- ଦେବହୂତି - କର୍ଦ୍ଦମ ମୁନୀଙ୍କର ପତ୍ନୀ । (ଶ୍ରୀମଦ୍ ଭାଗବତମ୍ ୩ୟ ସ୍କନ୍ଧ)
- ଅର୍ଚ୍ଚିଦେବୀ - ପୃଥୁ ମହାରାଜଙ୍କର ପତ୍ନୀ । (ଶ୍ରୀମଦ୍ ଭାଗବତମ୍ ୪ର୍ଥ ସ୍କନ୍ଧ)
- ସୀତାଦେବୀ - ଭଗବାନ ଶ୍ରୀରାମଚନ୍ଦ୍ରଙ୍କର ପତ୍ନୀ । (ରାମାୟଣ)
- ସୁକନ୍ୟା - ଚ୍ୟବନ ମୁନୀଙ୍କର ପତ୍ନୀ । (ଶ୍ରୀମଦ୍ ଭାଗବତମ୍/ରାମାୟଣ)
- ଅନୁସୂୟା - ଅତ୍ରି ମୁନୀଙ୍କର ପତ୍ନୀ । (ଶ୍ରୀମଦ୍ ଭାଗବତମ୍/ରାମାୟଣ)
- ବିଷ୍ଣୁପ୍ରିୟା - ଭଗବାନ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ପତ୍ନୀ ।
- ଦ୍ରୌପଦୀ - ପାଣ୍ଡବଙ୍କର ପତ୍ନୀ । (ମହାଭାରତ)
- ଏମାନଙ୍କର କଥା ପାଠ କରିବା ଉଚିତ୍ ଏବଂ ଆଦର୍ଶ ଗ୍ରହଣ କରିବା ଉଚିତ୍ ।

**ଗୃହସ୍ଥ ଆଶ୍ରମରେ ଯଶସ୍ୱୀ ହେବାର ରହସ୍ୟ**

- ପତି ପତ୍ନୀ ମଧ୍ୟରେ ଆକର୍ଷଣ ସ୍ୱାଭାବିକ ଅଟେ । କିନ୍ତୁ ଯଦି ଏହି ଆସକ୍ତି ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି ହେବ, ତେବେ ଦୁଇଜଣ କୃଷ୍ଣ ଭାବନାରେ ଭାବିତ ହେବେ । ତଥା ପାରିବାରିକ ଜୀବନ ସଫଳ ହେବ । (ଭା:୩/୩୧/୪୨)
- ପାରିବାରିକ ଜୀବନରେ ଭଗବାନ ଶ୍ରୀକୃଷ୍ଣ ହିଁ କେନ୍ଦ୍ରବିନ୍ଦୁ ହେବା ଉଚିତ୍ ।
- ପତି ପତ୍ନୀ ଏକତ୍ର ଭଗବାନ ଶ୍ରୀକୃଷ୍ଣଙ୍କର ସେବା ନିମିତ୍ତ ଗୃହସ୍ଥ ଆଶ୍ରମରେ ସମ୍ବନ୍ଧିତ ହେବା ଆବଶ୍ୟକ ।
- ଗୃହସ୍ଥ ନିଜ ଜୀବନରେ ଭଗବାନ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ପାର୍ଷଦ ଶ୍ରୀଅଦ୍ୱୈତ ପ୍ରଭୁ, ଶିବାନନ୍ଦ ସେନ୍, ଶ୍ରୀବାସ ପଣ୍ଡିତ, ରାମାନନ୍ଦ ରାୟ ଓ ପୁଣ୍ଡରୀକ ବିଦ୍ୟାନିଧି ଆଦିଙ୍କ ଆଦର୍ଶ ସ୍ଥାପନ କରିବା ଉଚିତ୍ ।